

## ୮ମ ବର୍ଷ ● ୨ୟ ସଂଖ୍ୟା ● ଅକ୍ଟୋବର ୨୦୧୮

**ଆମ କୁନି ପ୍ରତିଭା:** ନୃତ୍ୟର ଜ୍ୟୋତି ଜ୍ୟୋତିରଞ୍ଜନ

**ଆମ ମତ:** ଦୁର୍ଗାମୂର୍ତ୍ତି ଓ ଅନ୍ୟାନ୍ୟ ପାର୍ଶ୍ୱମୂର୍ତ୍ତିଙ୍କୁ ମନଇଚ୍ଛା ନଦୀରେ ଭସାଣି କରିବାଦ୍ୱାରା ନଦୀଜଳ ପ୍ରଦୂଷଣ ହେଉଛି କି ?

**ସିଂହଳୀ ଲୋକକଥା:** ଚଢ଼େଇର ଉପଦେଶ

**ଗପ :** ମିଛ କହିବା ମହାପାପ, ଯେମିତି କାମକୁ ସେମିତି ଫଳ, ମାଆର ସ୍ନେହ, ...

**କବିତା:** କରୁ ମାଆ ଏଇ ଅଳି, ଶରତ ଆସେ, ଭୁବନେଶ୍ୱର, ...

**ଏଥିସହିତ କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ ।**

### ଆମ ମତ:

ଚଳିତମାସ ଆମେ ଦୁର୍ଗାପୂଜା ପାଳନ କରୁଛୁ । ଦଶହରା ପରେ ଅନୁଷ୍ଠିତ ହେବ ଭସାଣି ଉତ୍ସବ । ଏହି ଅବସରରେ ଦୁର୍ଗାମୂର୍ତ୍ତି ଓ ଅନ୍ୟାନ୍ୟ ପାର୍ଶ୍ୱମୂର୍ତ୍ତିଙ୍କୁ ମନଇଚ୍ଛା ନଦୀରେ ଭସାଣି ମଧ୍ୟ କରାଯିବ । ତେବେ ଏପରି କରିବାଦ୍ୱାରା ନଦୀଜଳ ପ୍ରଦୂଷଣ ହେଉଛି କି ? ଏ ସଂପର୍କରେ କୁନାକୁନିମାନେ ନିଜ ନିଜର ମତ ପ୍ରଦାନ କରିଛନ୍ତି ।

### ଆମ କୁନି ପ୍ରତିଭା : ନୃତ୍ୟର ଜ୍ୟୋତି; ଜ୍ୟୋତିରଞ୍ଜନ
### ସାକ୍ଷାତ ଓ ଉପସ୍ଥାପନା : କେଦାର ପୃଷ୍ଟି

କଲର୍ସ ଚ୍ୟାନେଲ୍‌ରେ ପ୍ରସାରିତ ହୋଇସାରିଥିବା ନୃତ୍ୟଭିତ୍ତିକ ରିଏଲିଟି ଶୋ 'ଡାନ୍ସ ଦିୱାନେ'ରେ ଦମ୍‌ଦାର ପ୍ରତିଭା ପ୍ରଦର୍ଶନ କରିଥିବା ଶିଶୁପ୍ରତିଭା ଜ୍ୟୋତିରଞ୍ଜନଙ୍କ ସଂପର୍କରେ କିଛି କଥା ଓ ଏହା ଏକ ସାକ୍ଷାତକାର ।

### କବିତା: କରୁ ମାଆ ଏଇ ଅଳି
### ଲେଖକ : ଦେବେନ୍ଦ୍ର ଚୌଧୁରୀ

ଶାରଦୀୟ ଅବକାଶରେ ମାଆ ଦୁର୍ଗାଙ୍କ ଆଗମନରେ ଏହି କବିତାଟି, ଭକ୍ତିଭାବର ଏକ ଆରାଧନା ଭିତ୍ତିକରି ଲେଖାଟି ରଚିତ ।

### କବିତା: ଶରତ ଆସେ
### ଲେଖକ: ଶିବପ୍ରସାଦ ସାହୁ

ଶରତ ଋତୁର ବର୍ଣ୍ଣନା କରି ଏହି କବିତାଟି ରଚିତ ।

### କବିତା: ଭୁବନେଶ୍ୱର
### ଲେଖିକା: ସମ୍ବେଦନା ମିଶ୍ର

ଆମ ରାଜଧାନୀ ଭୁବନେଶ୍ୱରକୁ ଭିତ୍ତିକରି କବିତାରେ ବିଭିନ୍ନ କଥା ବର୍ଣ୍ଣନା କରାଯାଇଛି ।

### କବିତା: ଛୋଟରୁ ବଡ଼
### ଲେଖକ : ଅନ୍ତର୍ଯ୍ୟାମୀ ପ୍ରଧାନ

ଛୋଟ କିପରି କ୍ରମେ ବଡ଼ ହୋଇପାରେ, ତାହାହିଁ ଉକ୍ତ କବିତାରେ ଦର୍ଶାଇ ଦିଆଯାଇଛି ।

### କବିତା: ପୁଅ ମୋର ପାଠ ପଢ଼ିବ
### ଲେଖକ : ବଙ୍କିମ ଚନ୍ଦ୍ର ନାୟକ

ପିଲାଟିଏ ପାଠ ପଢ଼ିଲେ କିପରି ଆଗକୁ ଯାଇପାରେ ତାହା ହିଁ, ଏହି କବିତାର ବିଷୟବସ୍ତୁ ।

### କବିତା: ଦ୍ରୁତଗତି ମହାବିପତ୍ତି
### ଲେଖିକା : ଅନ୍ନପୂର୍ଣ୍ଣା ଖିଲାର

ଦ୍ରୁତଗତିରେ ଗାଡ଼ି ଚଳାଇବା କିପରି ବିପତ୍ତି ଆଣିଥାଏ, ତାହାହିଁ କବିତାଟିରେ କୁହାଯାଇଛି ।

**ଗପ: ଯେମିତି କାମକୁ ସେମିତି ଫଳ**
**ଲେଖକ: ନନ୍ଦ କିଶୋର ସିଂହ**
ଖରାପ କାମ କଲେ, ଖରାପ ଫଳ ଭୋଗିବାକୁ ପଡ଼ିଥାଏ, ତାହାହିଁ ଗପଟିର ବିଷୟବସ୍ତୁ।

**ଗପ: ମାଆର ସ୍ନେହ**
**ଲେଖକ: ମହାପାତ୍ର ଆନନ୍ଦଶଙ୍କର ମିଶ୍ର**
ରୁଷ ଦେଶର ଏକ ଚିଡ଼ିଆଖାନାରେ ଥିବା ମାଆ ଭାଲୁର ସ୍ନେହ କିପରି ତା'ର ଛୋଟଛୋଟି ତିନୋଟି ଭାଲୁଛୁଆକୁ ବିପଦରୁ ରକ୍ଷା କରିଛି, ତାହାହିଁ ଗପଟିରେ ବର୍ଣ୍ଣନା କରାଯାଇଛି।

**ଗପ: ଭଗବାନ କୃଷ୍ଣ ଓ ଉତଙ୍କ ମୁନି**
**ଲେଖକ: କନ୍ଦର୍ପ ବେହେରା**
ଉତଙ୍କ ମୁନି କୃଷ୍ଣଙ୍କଠାରୁ ବର ପାଇଥିଲେ ମଧ ନିଜର ଖରାପ ଗୁଣ ପାଇଁ ହଇରାଣ ହୋଇଛନ୍ତି, ଏହାହିଁ ଗପଟିର ବିଷୟବସ୍ତୁ।

**ଗପ: ଆ ଜହ୍ନମାମୁ ସରଗଶଶୀ**
**ଆମ କୁନି ଲେଖିକା: ଓଁ ଶାଙ୍କରୀ ମିଶ୍ର**
ଭଗବାନ ଶ୍ରୀକୃଷ୍ଣ କିପରି ପିଲାଦିନରେ ଜହ୍ନମାମୁଙ୍କୁ ପାଇବା ପାଇଁ ଇଚ୍ଛା କରିଥିଲେ ଓ ତାଙ୍କର ପିଲାଦିନର କାହାଣୀକୁ ନେଇ ଏହି ଗପଟି ଲେଖାଯାଇଛି।

**ସିଂହଳୀ ଲୋକକଥା: ଚଢ଼େଇର ଉପଦେଶ**
**ଲେଖକ : ଅରୁଣ କୁମାର ପଣ୍ଡା**
ଚଢ଼େଇଟିଏ କିପରି ଲୋକଟିକୁ ଉପଦେଶ ଦେଇ, ପଞ୍ଜୁରି ଭିତରୁ ଖସି ଯାଇପାରିଛି, ସେ ବିଷୟରେ ଏକ ସୁନ୍ଦର ଗପ।

**ଜାପାନୀ ଶିଶୁଗଳ୍ପ: ଦୁଇଟି ବେଙ୍ଗ**
**ଅନୁବାଦ: କ୍ଷୀରୋଦ ପରିଡ଼ା**
ଜାପାନ ଦେଶର ଦୁଇଟି ବେଙ୍ଗ ନିଜର ଭୁଲ୍ ବୁଝାମଣା ଯୋଗୁଁ, ଭୁଲ କଥା ମନରେ ଚିନ୍ତା କରିଛନ୍ତି, ତାହାହିଁ ଗପର ବିଷୟବସ୍ତୁ।

**ନାଟକ: ଅଖିଆ ଠାକୁର ପେଟୁଆ ହେଲେ**
**ମୂଳ କାହାଣୀ: ପ୍ରତିଭା ରାୟ, ନାଟ୍ୟ ରୂପାନ୍ତର : ନାରାୟଣ ସିଂହ**
ପ୍ରକୃତରେ ଠାକୁର କିଛି ଖାଆନ୍ତି ନାହିଁ, ମାତ୍ର ତାଙ୍କୁ ଅନେକ କିଛି ଭୋଗ ଲଗାଯାଏ। ଅଥଚ ଗରିବ ପିଲାମାନେ ଯିଏ ଖାଇବାକୁ ଚାହାଁନ୍ତି, ତାଙ୍କୁ ସହଜରେ ଖାଇବା ଜିନିଷ ମିଳି ନ ଥାଏ। ଏକ ଶିକ୍ଷଣୀୟ ବିଷୟକୁ ନେଇ ନାଟକଟି ରଚିତ ହୋଇଛି।

**ବଡ଼ ମଣିଷଙ୍କ ପିଲାଦିନ କଥା: ବାଧିଲେ ବୁଦ୍ଧି ଦିଶେ**
**ଲେଖକ: ଯଜ୍ଞଦତ୍ତ ସାମନ୍ତରାୟ**
ଆମେରିକାର ଭୂତପୂର୍ବ ରାଷ୍ଟ୍ରପତି ଜେମ୍ସ୍ ଏ. ଗାର୍‌ଫିଲଡ୍‌ଙ୍କ ଜୀବନର ଏକ କାହାଣୀକୁ ଏହି ଗପରେ ରୂପ ଦିଆଯାଇଛି।

**ଆମ ଜାଣିବା କଥା : ମୂଳ ନାମ ନଥାଇ ନିର୍ବାଚନ ମଣ୍ଡଳୀ**
**ଲେଖକ : ଗନ୍ଧର୍ବସେନ ରଣା**
ଆମ ଦେଶରେ ଏପରି କିଛି ଲୋକସଭା ଆସନର ନାମ ରହିଛି, ଅଥଚ ପ୍ରକୃତରେ ସେହି ନାମରେ କୌଣସି ସ୍ଥାନ ସେହି ନିର୍ବାଚନ ମଣ୍ଡଳୀରେ ନାହିଁ, ଏହାହିଁ ଲେଖାରେ ବର୍ଣ୍ଣନା କରାଯାଇଛି।

**କେମିଷ୍ଟ୍ରି କାହାଣୀ : ପାଦ ତଳ ମାଟିର କେମିଷ୍ଟ୍ରି**
**ଲେଖକ : ନିତ୍ୟାନନ୍ଦ ପଣ୍ଡା**
ଆମେ ରହୁଥିବା ପୃଥିବୀ ପୃଷ୍ଠର ମାଟିତଳେ କ'ଣ ଥାଇପାରେ, ସେ ସଂପର୍କରେ ଲେଖାଟିରେ ଆଲୋଚନା କରାଯାଇଛି।

**ଆମ ପରିବେଶର ପ୍ରାଣୀ : ପରିବେଶ ସୁରକ୍ଷାରେ କାଉ**
**ଲେଖକ : ବସନ୍ତ କୁମାର ଦାସ**
ଆମେ ଦେଖୁଥିବା ସାଧାରଣ କାଉ କିପରି ଆମ ପରିବେଶକୁ ସୁରକ୍ଷା ଦେଇଥାଏ ସେ ସଂପର୍କରେ ଏହି ଲେଖାରେ ଆଲୋଚନା ହୋଇଛି।

**କୁନିକୁନାଙ୍କ ରୋଷେଇ: ଲେମ୍ବୁ**
**ଉପସ୍ଥାପନା: ଅମ୍ରିତା ମହାନ୍ତି**
ଲେମ୍ବୁକୁ ନେଇ କ'ଣ ଖାଦ୍ୟ ପ୍ରସ୍ତୁତ ହୋଇପାରିବ, ସେ ବିଷୟକ ଆଲୋଚନା ହୋଇଛି ଏହି ଲେଖାଟିରେ।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ଓଡ଼ିଶାରେ ହେବ ବିଧାନ ପରିଷଦ।

**ତୁମ ପାଇଁ ଖବର**
ରାତ୍ରୀ ଭୋଜନର ପ୍ରକୃଷ୍ଟ ସମୟ, ପୁସ୍ତକର ମୂଲ୍ୟ ୨୧୧ କୋଟି ଟଙ୍କା, ପିଲାଙ୍କ ପାଇଁ ଖେଳ ନିହାତି ଆବଶ୍ୟକ, କାନ୍ଦିବା ପାଇଁ 'ପ୍ରୋଲାକ୍ଟିନ୍ ହରମୋନ୍', ବୁଢ଼ିଆଣୀ ବିକ୍ରି ହେଉଛି ୩୧୮ ଟଙ୍କାରେ ଓ ଭାରତ ପଠାଇବ 'ଗଗନୟାନ'।

**ଖେଳ ଖବର**
ଏସିଆଡ୍‌ରେ ଚମକିଲେ ଓଡ଼ିଶା ମାଟିର ସୁନାଝିଅ ଦୂତୀ।

**ଚଳଚ୍ଚିତ୍ର ଖବର**
'ବାଜି-ଦ ଇମୋଟାଲ୍ ବୋଟ୍ ବୟ', ଶ୍ରୀମାନ ସୁରଦାସ, ମନ ଖାଲି ତତେ ଚାହେଁ, ମଣିକର୍ଣ୍ଣିକା: ଦ କୁଇନ୍ ଅଫ ଝାନ୍‌ସୀ, ସାହିଦଙ୍କ ଘରେ ନୂଆ ସଦସ୍ୟ ଓ ପରଦାକୁ ଆସିବେ ପ୍ରନୂତନ।

**ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :**
**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠଶାଳା-୫୫', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■